# ବଡ଼ ଦେଉଳ

ବଡ଼ ଦେଉଳରେ ବସିଛ ଆହେ ଜଗତ ସାଇଁ
ଜଗତ ଭକତ ପ୍ରେମରେ ସତେ ହୋଇଛ ବାଇ ।

ନୀଳଚକ୍ରେ ନୀଳ ଶଇଳେ ତୁମ ଉଡୁଛି ନେତ
ତୁମେ ପରା କଳା ସାଆନ୍ତ ପୁଣି ଭକତ ମିତ ।

ନୀଳ ଚକ୍ରେ ନୀଳ ଶଇଳେ ନୀଳ ଜୀମୂତ କାନ୍ତି
ନୀଳ ନବଘନେ ଯେସନେ ଶୋଭେ ତାରକା ପଂକ୍ତି ।

ନୀଳ ଭୂଧରରେ ନୀରଜ ନୀଳ ବରନ ଶ୍ୟାମ
ନୀଳ ସାଗରର ନୀଳିମା ନୀଳ ନୀରଦ ରାମ ।

ତୁମେ ପରା କଳା ସାଆନ୍ତ ପୁଣି ଭକତ ମିତ
ଚନ୍ଦ୍ର ସୂର୍ଯ୍ୟ ବେନି ନୟନେ ଦେଖ ଜଗତହିତ ।

ତାରକା ପଙ୍କତି ମଧ୍ୟରେ ଯେହ୍ନେ ଚନ୍ଦ୍ରମା ଶୋଭା
କଳା ନାସେ ହେମ ନୁତୁକ ସତେ କି ମନଲୋଭା ।

ଜଗତ ଜନର ପାବକ ତୁମେ ଜଗତ ସାଇଁ
କୋଟି ସୂର୍ଯ୍ୟ ସମ ତେଜସ୍ୱୀ ସାରା ସଂସାରେ ନାହିଁ ।

ବଡ଼ଦାଣ୍ଡ ବଡ଼ ଦେଉଳେ ବଡ଼ ସାଆନ୍ତ ବିଜେ
ତା ସମ ସାଆନ୍ତ ଅଛି କେ କହ ଏ ସାରା ଭବେ ।

କଳୁଷ ସଂସାର କାଳିମା ନେଇ ସର୍ବାଙ୍ଗ କଳା
କଳା ତନୁ ରଙ୍ଗ ଅଧର ଦିଶଇ କେଡ଼େ ତୋରା ।

ବଡ଼ ଦାଣ୍ଡେ ବଡ଼ ବିପ୍ପଣୀ ବଡ଼ ଦେଉଳେ ଚକ୍ର
ସାରା ବିଶ୍ୱ ତୁମ ସାଧନା, ଢଳେ ଛେଦିଛ ନକ୍ର ।

ଘୋର ବନେ ଏକ ମୃଗୁଣୀ ହୃଦେ ସ୍ମରିଲା ରାମ
ବ୍ୟାଧେ ଶରାଶନେ ପେଷିଲ ପରା ଅନନ୍ତ ଧାମ ।

ଆହେ ଭକ୍ତଜନ ବଲ୍ଲଭ ଦୀନ ହୃଦୟହାରୀ
ଲକ୍ଷ୍ମୀ ସାଆନ୍ତାଣୀ ବଲ୍ଲଭ ଦୀନ ମାନସଚାରୀ ।

ସଂସାର କଳୁଷ କାଳିମା ହୃଦେ ଲାଗିଛି କଳା
କବି ଭଜେ ଭବ ସାଗରୁ ପାର ହେ ଚକାଡ଼ୋଳା ।

□□□